## ନୂଆ ଗାଇଡଲାଇନ ଜାରିକଲେ ରାଜ୍ୟ ସରକାର

# ୧୧ ଜିଲ୍ଲାରେ ସପ୍ତାହକୁ ୨ ଦିନ ସଟ୍‌ଡାଉନ୍

ଭୁବନେଶ୍ୱର,୧୬/ଏନ୍‌ଏନ୍‌ଏସ୍:



ଦେଶବ୍ୟାପୀ ଆଜିଠାରୁ ଅନ୍‌ଲକ୍-୧ ପ୍ରକ୍ରିୟା ଆରମ୍ଭ ହେବା ସହ ଅନେକ କଟକଣା କୋହଳ ହୋଇଥିବା ବେଳେ ରାଜ୍ୟ ସରକାର ଲକ୍‌ଡାଉନ୍‌କୁ କେତେକ କ୍ଷେତ୍ରରେ କଡ଼ାକଡ଼ି କରିଛନ୍ତି। ରାଜ୍ୟରେ ସଂକ୍ରମଣ ମାତ୍ରା ବୃଦ୍ଧି ପାଉଥିବା ବେଳେ ୧୧ଟି ଜିଲ୍ଲାରେ ୨ ଦିନ ସଟ୍‌ଡାଉନ୍ ହେବ ବୋଲି ସରକାର ଘୋଷଣା କରିଛନ୍ତି। ବର୍ତ୍ତମାନ ରାଜ୍ୟର ସ୍ଥିତିଦେଖି ଆସନ୍ତା ୩୦ ଯାଏଁ ଅଧିକାଂଶ ନିୟମ ଓ କଟକଣାକୁ ସରକାର ବଳବତ୍ତର ରଖିଛନ୍ତି। ଏଥିରେ ଆଉ କିଛି ନୂଆ କଟକଣାକୁ ମଧ୍ୟ

### ସନ୍ଧ୍ୟା ୭ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର

ସାମିଲ୍ କରାଯାଇଛି। ତେବେ ଜୀବନ ଓ ଜୀବିକା ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ କିଛିଟା ନିୟମରେ ସରକାର କୋହଳ କରିଛନ୍ତି। ନୂଆ କଟକଣା ଓଗାଇଡଲାଇନ୍ ସୋମବାର ଏ ସ୍‌ଆର୍‌ସିଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇଛି।

ନୂଆ କଟକଣା ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି ଯେ ଜନସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ରାଜ୍ୟର ୧୧ଟି ଜିଲ୍ଲାକୁ ଆସନ୍ତା ୩୦ ତାରିଖ ଯାଏଁ ସପ୍ତାହକୁ ଦୁଇଦିନ ସଟ୍‌ଡାଉନ୍ କରାଯିବ। ସେହି ଜିଲ୍ଲାଗୁଡ଼ିକ ହେଲା ଗଞ୍ଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ବଲାଙ୍ଗିର। ଏହି ଜିଲ୍ଲାଗୁଡ଼ିକରେ ପ୍ରତି ଶନିବାର ଓ ରବିବାର ସଟ୍‌ଡାଉନ୍ ନିୟମ ଲାଗୁ ହେବ। ଏହି ସମୟରେ ଅତ୍ୟାବଶ୍ୟକ ସେବା ଯଥା ପେଟ୍ରୋଲ୍ ପମ୍ପ, ଟେଲିକମ୍ ସେବା, ବୈଦ୍ୟୁତିକ ଗଣମାଧ୍ୟମ ବ୍ୟକ୍ତି, ରାଜପଥରେ ପରିବହନ, ରେଳ ଷ୍ଟେସନ୍, ବିମାନ ବନ୍ଦର ଓ ବସ୍ ଟର୍ମିନାଲ୍‌କୁ ଯା’ଆସ, ଶିଳ୍ପାନୁଷ୍ଠାନ ଏବଂ ନିର୍ମାଣ କାର୍ଯ୍ୟ ଜାରି ରହିବ। ସେହିପରି ୩୦ ତାରିଖ ଯାଏଁ ଧାର୍ମିକ ସ୍ଥଳ, ସର୍ବସାଧାରଣଙ୍କ ପୂଜା ପାଇଁ ଉଦ୍ଦିଷ୍ଟ ସ୍ଥାନ, ସପିଙ୍ଗମଲ୍, ସିନେମା ହଲ୍, ଜିମ୍‌ନାସିୟମ, ସୁଇମିଂ ପୁଲ୍, ମନୋରଞ୍ଜନ ଭିତ୍ତିକ ପାର୍କ, ଥିଏଟର, ବାର୍, ଅଡିଟୋରିୟମ୍, ଆସେମ୍ବଲି ହଲ୍ ଭଳି ସ୍ଥାନ ବନ୍ଦ ରହିବ। ଶିକ୍ଷାନୁଷ୍ଠାନ, ଟ୍ରେନିଂ ଓ କୋଚିଂ ସେଣ୍ଟର ଗୁଡ଼ିକ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଖୋଲାଯାଇ ପାରିବନି। ତେବେ ଏହି ସମୟ ମଧ୍ୟରେ ୩୦ ଜଣ କ୍ଷମତା ବିଶିଷ୍ଟ ହୋଟେଲ୍ ଖୋଲାଯାଇପାରିବ। କେବଳ ଇନ୍-ହାଉସ୍ ଗେଷ୍ଟଙ୍କ ପାଇଁ ରେଷ୍ଟୁରାଣ୍ଟ ଖୋଲା ରହିବ। ସେହିପରି ରେଷ୍ଟୁରାଣ୍ଟଗୁଡ଼ିକ ହୋମ୍ ଡେଲିଭରି ବା ଟେକ୍ ଓ୍ୱେ ଫୁଡ ନିମନ୍ତେ କାରବାର କରିପାରିବେ। ମାସ୍କ ପରିଧାନ, ୬ ଫୁଟ୍‌ର ସାମାଜିକ ଦୂରତା, ସର୍ବସାଧାରଣ ସ୍ଥାନରେ ଛେପ ନପକାଇବା ଆଦି ନିୟମ କଡ଼ାକଡ଼ି ଭାବେ ପାଳନ କରାଯିବ। ଦୋକାନଗୁଡ଼ିକ ସାମାଜିକ ଦୂରତା ସୁନିଶ୍ଚିତ କରିବେ। ଏକା ସମୟରେ ୨ରୁ ୫ ଜଣଙ୍କୁ ଅନୁମତି ପ୍ରଦାନ କରିବେ। ଏହାଠାରୁ ଅଧିକଙ୍କୁ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବନି। ପରିସୀମା ଅନୁସାରେ ସେଲୁନ୍, ସ୍ପା, ବିଉଟି ପାର୍ଲରଗୁଡ଼ିକ ସୁରକ୍ଷା ସୁନିଶ୍ଚିତ କରିବେ। ପ୍ରତ୍ୟେକ ଗ୍ରାହକଙ୍କୁ ସେବା ପୂର୍ବରୁ ଓ ପରେ ସାନିଟାଇଜେସନ୍‌କୁ ଗୁରୁତ୍ୱ ଦେବେ। ସର୍ବସାଧାରଣରେ ୭ ଜଣରୁ ଅଧିକ ଏକତ୍ର ହୋଇପାରିବେନି। ବିବାହ କାର୍ଯ୍ୟ ୫୦ ଜଣ ଓ ଅନ୍ତ୍ୟେଷ୍ଟି କ୍ରିୟା ୨୦ ଜଣ ମଧ୍ୟରେ ସୀମିତ ରହିବ। ଆନ୍ତଃରାଜ୍ୟ ପରିବହନ ପାଇଁ କୌଣସି ଅନୁମତିର ଆବଶ୍ୟକତା ନାହିଁ। ଅନ୍ୟପକ୍ଷରେ ରାତ୍ରକାଳୀନ କର୍ଫ୍ୟୁ ସନ୍ଧ୍ୟା ୭ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟରେ ଅତ୍ୟାବଶ୍ୟକ ସେବା ଯଥା ପରିଚୟ ପତ୍ର ଥିବା ଆଇଟି କମ୍ପାନୀ ଓ ଶିଳ୍ପାନୁଷ୍ଠାନ କର୍ମଚାରୀଙ୍କୁ ଯାତାୟାତ ଅନୁମତି ମିଳିବ। ଶିଳ୍ପ ଓ ନିର୍ମାଣ କାର୍ଯ୍ୟ ଚାଲୁ ରହିବ। ସେହିପରି ରେଲଓ୍ୱେ ଷ୍ଟେସନ୍, ବସ୍‌ଷ୍ଟାଣ୍ଡ ଓ ବିମାନ ବନ୍ଦରକୁ ଯା’ଆସ କରୁଥିବା ଯାନବାହନ କଟକଣା ମୁକ୍ତ ରହିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

କ୍ୱାରାଣ୍ଟାଇନ୍ ନିୟମ ବାବଦରେ ଉଲ୍ଲେଖ କରି ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଗ୍ରାମାଞ୍ଚଳରେ ପ୍ରବାସ ଫେରନ୍ତା ୭ ଦିନ ପାଇଁ ବାଧ୍ୟତାମୂଳକ ଅନୁଷ୍ଠାନିକ ସଙ୍ଗରୋଧରେ ରହିବେ। ପରେ ଲକ୍ଷଣ ଦେଖାଯାଉଥିଲେ ୭ ଦିନ ହୋମ୍ କ୍ୱାରେଣ୍ଟାଇନ୍‌ରେ ରହିବେ। କ୍ୱାରେଣ୍ଟାଇନ୍‌ରେ କିଛି ଲକ୍ଷଣ ଦେଖାଦେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିୟମ ଅନୁସାରେ କୋଭିଡ୍ କେୟାର ସେଣ୍ଟର ଅବା କୋଭିଡ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯିବ। ସେହିପରି ସହରାଞ୍ଚଳରେ ପ୍ରବାସ ଫେରନ୍ତା ୧୪ ଦିନ ବାଧ୍ୟତାମୂଳକ ଭାବେ ହୋମ୍ କ୍ୱାରେଣ୍ଟାଇନ୍‌ରେ ରହିବେ। ତେବେ ୭୨ ଘଣ୍ଟା ପାଇଁ ଓଡ଼ିଶାକୁ ଆସୁଥିବା କିମ୍ବା ଓଡ଼ିଶାରୁ ଯାଉଥିବା ବୃତ୍ତିଧାରୀ, ବ୍ୟବସାୟୀ କିମ୍ବା ସରକାରୀ କର୍ମଚାରୀ କ୍ୱାରେଣ୍ଟାଇନ୍‌ରେ ରହିବାର ଆବଶ୍ୟକତା ନାହିଁ। ୩୦ ତାରିଖ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଲକ୍‌ଡାଉନ୍ ବଳବତ୍ତର ରହିବ। ସ୍ୱାସ୍ଥ୍ୟ ବିଭାଗର ଗାଇଡ୍‌ଲାଇନ୍

▶▶ ୭

## ଏଣିକି ମାସ୍କ ନପିନ୍ଧିଲେ ଗିରଫ

ଲକଡାଉନ ୪.୦ ସରିବା ପରେ ଏବେ ରାଜ୍ୟ ସରକାର ନୂଆ ଗାଇଡ ଲାଇନ ଜାରି କରିଛନ୍ତି । ନୂଆ ଗାଇଡ ଲାଇନରେ ରାତ୍ରୀକାଳୀନ କର୍ଫ୍ୟୁ ବଳବତ୍ତର ରଖାଯାଇଥିବା ବେଳେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ମାସ୍କ ନପିନ୍ଧିଲେ ଆବଶ୍ୟକସ୍ଥଳେ ଗିରଫ କରାଯିବ ବୋଲି ପୁଲିସ ଡିଜି ଶ୍ରୀ ଅଭୟ କହିଛନ୍ତି।



ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ ଡିଜି ଶ୍ରୀ ଅଭୟ କହିଛନ୍ତି, ଓଡ଼ିଶାରେ ରାତ୍ରୀକାଳୀନ କର୍ଫ୍ୟୁ ଜାରି ରହିବ, ହେଲେ ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଏଣିକି ସନ୍ଧ୍ୟା ୭ଟାରୁ ଭୋର ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିବ। ପୂର୍ବରୁ ସନ୍ଧ୍ୟା ୭ଟାରୁ ସକାଳ ୭ଟା ଯାଏଁ କର୍ଫ୍ୟୁ ବଳବତ୍ତର ଥିଲା । କେନ୍ଦ୍ରସରକାର ରାତି ୯ଟାରୁ ରାତ୍ରିକାଳୀନ କର୍ଫ୍ୟୁ ପାଇଁ ଜାରି କରିଥିବା ଗାଇଡଲାଇନ ଓଡ଼ିଶାରେ ଲାଗୁ ହେବ ନାହିଁ। ସେହିପରି ବାହାରେ ଛେପ ପକାଇଲେ କିମ୍ବା ମାସ୍କ ନପିନ୍ଧିଲେ ଅଧିକ ଜୋରିମାନା ଦେବାକୁ ହେବ। ଏମିତିକି ମାସ୍କ ନପିନ୍ଧିଲେ ଏପିଡେମିକ ଆକ୍ଟ ଅନୁସାରେ ଜୋରିମାନା ସହ ଗିରଫ ବି କରାଯିବ। ପ୍ରଥମ ଓ ଦ୍ୱିତୀୟ ଥର ନିୟମ ଭାଙ୍ଗି ଧରାପଡ଼ିଲେ ୫୦୦ ଟଙ୍କା ଜୋରିମାନା ଦେବାକୁ ପଡ଼ିବ। କିନ୍ତୁ ତୃତୀୟ ଥର ନିୟମ ଭାଙ୍ଗି ଧରାପଡ଼ିଲେ ଜୋରିମାନା ୧ ହଜାର ଟଙ୍କା ଦେବାକୁ ହେବ। ସେହିପରି ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ଅନୁମତି ନେଇ ୨୦ ଜଣ ଓ ବିବାହ କାର୍ଯ୍ୟ ପାଇଁ ୫୦ ଜଣ ଏକାଠି ହୋଇପାରିବେ। ବିନା କାରଣରେ ବାହାରେ ନବୁଲିବାକୁ ଡିଜିପି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।